## ‘ଗୋଟିଏ ଦେଶ, ଗୋଟିଏ ରାସନକାର୍ଡ’

# ଯୋଜନାରେ ଓଡ଼ିଶା ସାମିଲ

ନୂଆଦିଲ୍ଲୀ,୧୬/ଏଜେନ୍ସି :

କେନ୍ଦ୍ର ସରକାରଙ୍କ ‘ଗୋଟିଏ ଦେଶ, ଗୋଟିଏ ରାସନ କାର୍ଡ’ ଯୋଜନାରେ ଓଡ଼ିଶା, ସିକ୍କିମ ଓ ମିଜୋରାମ ସାମିଲ ହୋଇଛନ୍ତି ବୋଲି ସରକାରୀ ବିଜ୍ଞପ୍ତିରୁ ଜଣାପଡ଼ିଛି । ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ଏହି ଯୋଜନା ସବୁ ଦିଗରୁ ସହାୟକ ହେବ ବୋଲି ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ‘ଗୋଟିଏ ଦେଶ, ଗୋଟିଏ ରାସନ’ ବଳରେ ହିତାଧିକାରୀ ଯେ କୌଣସି ରାଜ୍ୟରୁ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ଆଇନ ଅନୁସାରେ ନାମମାତ୍ର ମୂଲ୍ୟରେ ଖାଦ୍ୟଶସ୍ୟ କିଣିପାରିବେ । ଏଥିପାଇଁ ରାସନ କାର୍ଡ଼କୁ ଆଧାର କାର୍ଡ ସହିତ ସଂଯୋଗ କରିବାକୁ ପଡ଼ିବ ।

ବର୍ତ୍ତମାନ ସୁଦ୍ଧା ୧୭ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ କେନ୍ଦ୍ର ସରକାରଙ୍କ ‘ଗୋଟିଏ ଦେଶ, ଗୋଟିଏ ରାସନ’ରେ ସାମିଲ ହୋଇସାରିଲେଣି । ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଉକ୍ତ ଯୋଜନାରେ ସାମିଲ ହେବାକୁ କୁହାଯାଇଛି । ଓଡ଼ିଶା, ସିକ୍କିମ ଓ ମିଜୋରାମ ପୂର୍ବରୁ ଏହି ଯୋଜନାକୁ ଆନ୍ଧ୍ର ପ୍ରଦେଶ, ବିହାର, ଦାଦ୍ରା ଓ ନଗର ହାଭେଲୀ, ଦମନ ଓ ଡିଉ, ଗୋଆ, ଗୁଜରାଟ, ହରିଆଣା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କେରଳ, ▶▶ ୭